# NATIONAL NEWS BULLETIN (ODIA)

## 8 March - 2025

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଆଜି ନୂଆଦିଲ୍ଲୀରେ ମୁଖ୍ୟ ସମାରୋହକୁ ଉଦ୍‌ଘାଟନ କରିବେ ରାଷ୍ଟ୍ରପତି ।
- ଦେଶକୁ କୁପୋଷଣ ଏବଂ ରକ୍ତହୀନତାରୁ ମୁକ୍ତ କରିବା ଲକ୍ଷ୍ୟରେ ପ୍ରତ୍ୟେକ ପରିବାରକୁ ଉପଯୁକ୍ତ ପୁଷ୍ଟିକର ଆହାର ଯୋଗାଇଦେବା ନେଇ ସରକାର ପ୍ରତିଶ୍ରୁତିବଦ୍ଧ, କହିଲେ ପ୍ରଧାନମନ୍ତ୍ରୀ
- ପ୍ରତିରକ୍ଷା କ୍ଷେତ୍ରରେ ମହିଳାମାନଙ୍କର ଯୋଗଦାନକୁ ବ୍ୟାପକ କରିବା ଦିଗରେ ସରକାର ପ୍ରାଥମିକତା ଦେଉଛନ୍ତି, ପ୍ରତିରକ୍ଷାମନ୍ତ୍ରୀଙ୍କ ସୂଚନା
- ଭାରତ -ଆୟାରଲ୍ୟାଣ୍ଡ ଯୁଗ୍ମ ଅର୍ଥନୈତିକ ଆୟୋଗ ଗଠନ କରିବା ଲାଗି ଉଭୟ ଦେଶ ସହମତ

ଏବଂ

- ମହିଳା ପ୍ରିମିୟର ଲିଗ୍ କ୍ରିକେଟ୍‌ରେ ଗତକାଲିର ମ୍ୟାଚ୍‌ରେ ଗୁଜରାଟ ଜାଏଣ୍ଟ୍‌ସ ୫ ୱିକେଟ୍‌ରେ ପରାସ୍ତ କଲା ଦିଲ୍ଲୀ କ୍ୟାପିଟାଲ୍‌ସକୁ ।

# ଆନ୍ତର୍ଜାତିକ-ମହିଳା ଦିବସ-୧

ଆନ୍ତର୍ଜାତିକ ମହିଳା ଦିବସ ଆଜି ବିଶ୍ୱବ୍ୟାପି ପାଳନ କରାଯାଉଛି । ଆଜିର ଦିନରେ ସାଂସ୍କୃତିକ, ଆର୍ଥିକ, ଜାତିଗତ ଓ ଭାଷାଗତ ନିର୍ବିଶେଷରେ ବିଶ୍ୱବ୍ୟାପି ମହିଳାମାନଙ୍କୁ ସେମାନଙ୍କର ସଫଳତା ପାଇଁ ସମ୍ମାନିତ କରାଯାଇଥାଏ । ଚଳିତ ବର୍ଷ ଆନ୍ତର୍ଜାତିକ ମହିଳା ଦିବସର ବାର୍ତ୍ତା ହେଉଛି – "ସମସ୍ତ ମହିଳା ଓ ବାଳିକାମାନଙ୍କ ପାଇଁ ଅଧିକାର, ସମାନତା ଓ ସଶକ୍ତିକରଣ" ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କିଛିଦିନ ପୂର୍ବେ ଦେଶର ମହିଳାମାନଙ୍କୁ ସେମାନଙ୍କର ପ୍ରେରଣାଦାୟୀ ଜୀବନ ଯାତ୍ରାର ଅନୁଭୂତି ନମୋ ଆପ୍ ମାଧ୍ୟମରେ ଜଣାଇବାକୁ ଆହ୍ୱାନ ଦେଇଥିଲେ । ପ୍ରଧାନମନ୍ତ୍ରୀଙ୍କ ସାମାଜିକ ଗଣମାଧ୍ୟମ ଆକାଉଣ୍ଟସ୍ ମାଧ୍ୟମରେ ମହିଳାମାନେ ଆଜି ସେମାନଙ୍କର ଏହି ବାର୍ତ୍ତା ଓ ଅନୁଭୂତି ବାଣ୍ଟି ପାରିବେ ବୋଲି ଶ୍ରୀ ମୋଦୀ କହିଛନ୍ତି । ଏହି ସ୍ୱତନ୍ତ୍ର ଅଭିଯାନ ମହିଳାମାନଙ୍କ ସଫଳତା ଓ ଅବଦାନକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ସହିତ ଅନ୍ୟମାନଙ୍କୁ ଅନୁପ୍ରାଣିତ କରିବାରେ ସହାୟକ ହେବ ।

# ପ୍ରେସିଡେଣ୍ଟ-ମହିଳା ଦିବସ-୨

ଏହି ଅବସରରେ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଏକ ଜାତୀୟ ସମ୍ମିଳନୀକୁ ରାଷ୍ଟ୍ରପତି ଉଦ୍‌ଘାଟନ କରିବେ । ମହିଳା ଓ ଶିଶୁ

ବିକାଶ ମନ୍ତ୍ରଣାଳୟ ଆୟୋଜିତ 'ନାରୀ ଶକ୍ତିରୁ ବିକଶିତ ଭାରତ' ଶୀର୍ଷକ ଏହି ସମ୍ମିଳନୀରେ ମୋ ଭାରତ ସ୍ୱେଚ୍ଛାସେବୀ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କ ସମେତ ସେନା ବାହିନୀ, ଅର୍ଦ୍ଧସାମରିକ ବାହିନୀ, ଦିଲ୍ଲୀ ପୁଲିସ୍‌ର ଅଧିକାରୀମାନେ ଯୋଗଦେବେ । ସମ୍ମିଳନୀରେ ବିଶ୍ୱ ବ୍ୟାଙ୍କ୍, ୟୁନିସେଫ୍, ୟୁ.ଏନ୍.ଡି.ପି., ମହିଳା ଜାତିସଂଘ ଓ ୟୁ.ଏନ୍.ଏଫ୍.ପି.ଏ.ର ସଦସ୍ୟମାନେ ମଧ୍ୟ ଉପସ୍ଥିତ ରହିବେ ।

# ପ୍ରେଜ୍-ମହିଳା ଦିବସ-୩

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏ ସଂପର୍କରେ ଏକ ବାର୍ତ୍ତା ଦେଇ ରାଷ୍ଟ୍ରପତି କହିଛନ୍ତି, ବିଭିନ୍ନ କ୍ଷେତ୍ରରେ ମହିଳାଙ୍କର ସଫଳତା ଏବଂ ଦେଶ ତଥା ସମାଜ ପ୍ରତି ସେମାନଙ୍କର ଅନନ୍ୟ ଅବଦାନକୁ ସମ୍ମାନ ଜଣାଇବା ଲାଗି ଆଜିର ଦିନ ଏକ ଅବସର ପ୍ରଦାନ କରିଥାଏ ।  ମହିଳାମାନେ ହେଉଛନ୍ତି ପରିବାର, ସମାଜ ତଥା ଦେଶର ଭିତ୍ତିଭୂମି । ବିଭିନ୍ନ ପ୍ରତିକୂଳ ପରିବେଶ ତଥା ଆହ୍ୱାନର ସମ୍ମୁଖୀନ ହୋଇ ମଧ୍ୟ ବିବିଧ କ୍ଷେତ୍ରରେ ସେମାନେ ସଫଳତାର ସହ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି । ମହିଳାଙ୍କର ସାମାଜିକ- ଅର୍ଥନୈତିକ ସ୍ଥିତିର ସଶକ୍ତିକରଣ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି ।  ମହିଳାମାନେ ଅଗ୍ରସର ହେବା ଲାଗି ଯେଉଳି ପ୍ରତ୍ୟେକ କ୍ଷେତ୍ରରେ ସମାନ ସୁବିଧା

ପାଇପାରିବେ, ସେଭଳି ଏକ ସୁରକ୍ଷିତ ସମାଜ ଗଠନ ଦିଗରେ ବ୍ରତୀ ହେବାକୁ ରାଷ୍ଟ୍ରପତି ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ମହିଳାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# ପିଏମ୍-ୱିମେନ୍ସ ଡେ-୪

ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଗୁଜରାଟର ନବସାରୀ ଜିଲ୍ଲା ଅନ୍ତର୍ଗତ ବାଂଶୀବୋର୍ସି ଜିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା ଲକ୍ଷପତି ଦିଦି କାର୍ଯ୍ୟକ୍ରମରେ ଯୋଗଦେବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଲକ୍ଷପତି ଦିଦିଙ୍କ ସହିତ ଭାବ ବିନିମୟ କରିବେ । ପ୍ରଧାନମନ୍ତ୍ରୀ ୫ଲକ୍ଷ ଲକ୍ଷପତି ଦିଦିଙ୍କୁ ପ୍ରମାଣପତ୍ର ପ୍ରଦାନ କରିବେ । ଏତଦ୍‌ବ୍ୟତୀତ ଶ୍ରୀ ମୋଦୀ ରାଜ୍ୟ ସରକାରଙ୍କ ଗୁଜରାଟ ସଫଲ ଏବଂ ଗୁଜରାଟ ମୈତ୍ରୀ କାର୍ଯ୍ୟକ୍ରମର ମଧ୍ୟ ଶୁଭାରମ୍ଭ କରିବେ । ଏ ସଂପର୍କରେ ଅଧିକ ସୂଚନା ଦେଇଛନ୍ତି ଆମ ସମ୍ବାଦଦାତା :

**V/O**

## ସୁଭଦ୍ରା ସହାୟତା

ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ସହାୟତା ରାଶି ପ୍ରଦାନ କରିବେ । ଗଞ୍ଜାମ ଜିଲ୍ଲାର ଛତ୍ରପୁର ଆମ୍ବପୁଆ ବିବେକବିହାରଠାରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ସମାରୋହରେ ମୁଖ୍ୟମନ୍ତ୍ରୀ ସୁଭଦ୍ରା ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ୧ କୋଟି ହିତାଧିକାରୀଙ୍କୁ ଏହି ସହାୟତା ରାଶି ପ୍ରଦାନ କରିବେ ।

## ପିଏମ୍-ପୋଷଣ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ’ ଦେଶକୁ କୁପୋଷଣ ଏବଂ ରକ୍ତହୀନତାରୁ ମୁକ୍ତ କରିବା ଲକ୍ଷ୍ୟରେ ପ୍ରତ୍ୟେକ ପରିବାରକୁ ଉପଯୁକ୍ତ ପୋଷଣ ଆହାର ଯୋଗାଇଦେବା ନେଇ  ସରକାରଙ୍କ ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଛନ୍ତି । ଗତକାଲି ସନ୍ଧ୍ୟାରେ ଗୁଜରାଟର ସୁରତ୍‌ଠାରେ ଜିଲ୍ଲା ଖାଦ୍ୟ ସୁରକ୍ଷା ସମ୍ପୂର୍ଣ୍ଣ ଅଭିଯାନର ଶୁଭାରମ୍ଭ କରି ସେ ଏହା କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ଯେଭଳି ଏହି ଯୋଜନାର ସୁଫଳ ପାଇପାରିବେ ସେଥିଲାଗି ସରକାର ସମସ୍ତ ପ୍ରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି । ଦେଶର ପ୍ରଗତି ନିମନ୍ତେ ଉନ୍ନତମାନର ପୁଷ୍ଟିକର ଖାଦ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ

ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହାଦ୍ୱାରା ଏକ ବିକଶିତ ଭାରତ ଗଠନ ସମ୍ଭବ ହୋଇପାରିବ ।

**V/O**

ଏତଦ୍‌ବ୍ୟତୀତ ଏହି ଲକ୍ଷ୍ୟ ହାସଲ ଦିଗରେ ସ୍ୱଚ୍ଛତା ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦେଇ ସରକାର କାର୍ଯ୍ୟ କରୁଛନ୍ତି ବୋଲି ସେ କହିଛନ୍ତି । ସେହିଭଳି ଗରିବ ଲୋକଙ୍କର କଲ୍ୟାଣ ଦିଗରେ ସରକାରଙ୍କର ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇ ଶ୍ରୀ ମୋଦୀ ପିଏମ୍ ଗରିବ କଲ୍ୟାଣ ଅନ୍ନ ଯୋଜନା, ସରକାରୀ ବୀମା ଯୋଜନା, ଏକ ଦେଶ ଏକ ରାସନକାର୍ଡ ଭଳି ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକର ସୁଫଳ ଉପରେ ଆଲୋକପାତ କରିଛନ୍ତି । ଏହି ଅଭିଯାନର ଅଂଶ ସ୍ୱରୂପ ପ୍ରଧାନମନ୍ତ୍ରୀ ଗତକାଲି ସୁରତଠାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ୨ ଲକ୍ଷ ୩୦ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ସହାୟତା ବଣ୍ଟନ କରିଛନ୍ତି । ଏହି ସମାରୋହରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଉପସ୍ଥିତ ଥିଲେ ।

## ରାଜନାଥ

ପ୍ରତିରକ୍ଷା କ୍ଷେତ୍ରରେ ମହିଳାମାନଙ୍କର ଯୋଗଦାନ ସୁଯୋଗକୁ ବ୍ୟାପକ କରିବା ଦିଗରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ସରକାରଙ୍କ ପ୍ରତିଶ୍ରୁତି ବଦ୍ଧତା ଦୋହରାଇଛନ୍ତି । ଆନ୍ତର୍ଜାତିକ ମହିଳା ଦିବସ ଅବ୍ୟବହିତ ପୂର୍ବରୁ ଗତକାଲି ଶ୍ରୀ ସିଂ’ ଦ୍ୱିତୀୟ ନାବିକ ସାଗର ପରିକ୍ରମାରେ ସାମିଲ ଥିବା ମହିଳା ଅଧିକାରୀଙ୍କ ସହିତ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ମତ

ବିନିମୟ ବେଳେ ଏହା କହିଛନ୍ତି । ପ୍ରତିରକ୍ଷାମନ୍ତ୍ରୀ ଜାତୀୟ ସୁରକ୍ଷାକୁ ଅଧିକ ସଶକ୍ତ କରିବା ଦିଗରେ ମହିଳାମାନଙ୍କର ଅବଦାନ ଅତୁଳନୀୟ ବୋଲି କହିଛନ୍ତି । ପ୍ରତିରକ୍ଷା ଏବଂ ଦୁଃସାହସିକ କ୍ରୀଡ଼ା କ୍ଷେତ୍ରରେ ଯୁବତୀମାନଙ୍କର ଅଂଶ ଗ୍ରହଣକୁ ସରକାର ପ୍ରୋତ୍ସାହନ ଦେବା ଉପରେ ଆଲୋକପାତ କରିବା ସହଏକ ଲିଙ୍ଗଗତ ସମାବେଶୀ ସେନାବାହିନୀ ଗଠନ ସରକାରଙ୍କ ଲକ୍ଷ୍ୟ ବୋଲି ଶ୍ରୀ ସିଂ କହିଛନ୍ତି ।

## ଜୟଶଙ୍କର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଗତକାଲି ଡୁବ୍ଲିନ୍ଠାରେ ତାଙ୍କର ଆୟାରଲ୍ୟାଣ୍ଡ ପ୍ରତିପକ୍ଷ ସାଇମଣ୍ଡ ହାରିସ୍ଙ୍କ ସହିତ ବିଭିନ୍ନ ଦ୍ୱିପକ୍ଷୀୟ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି । ଉଭୟ ବୈଦେଶିକ ମନ୍ତ୍ରୀ ଭାରତ-ଆୟାରଲ୍ୟାଣ୍ଡ ଦ୍ୱିପକ୍ଷୀୟ ସହଯୋଗ ଏବଂ ବିଭିନ୍ନ କ୍ଷେତ୍ରରେ ସଂପର୍କକୁ ପୁନର୍ଜୀବିତ କରିବା ଲାଗି ନୂତନ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବା ଉପରେ ଆଲୋଚନା କରିଛନ୍ତି । ଦୁଇଦେଶ ମଧ୍ୟରେ ବାଣିଜ୍ୟ, ପୁଞ୍ଜି ନିବେଶ ଓ ବୈଷୟିକ ଜ୍ଞାନକୌଶଳର ସଂଯୋଗକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ଏକ ଯୁଗ୍ମ ଅର୍ଥନୈତିକ ଆୟୋଗ ଗଠନ କରିବା ଲାଗି ଉଭୟ ସହମତ ହୋଇଛନ୍ତି । ଏହାଛଡ଼ା ଦୁଇ ନେତା ୟୁକ୍ରେନ୍ ଦ୍ୱନ୍ଦ୍ୱ, ଆଫଗାନିସ୍ଥାନ ଓ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ସମେତ ବିଭିନ୍ନ ଆଞ୍ଚଳିକ ତଥା ବୈଶ୍ୱିକ ସମସ୍ୟା ଉପରେ ମତ ବିନିମୟ କରିଛନ୍ତି । ପରେ ଡକ୍ଟର ଜୟଶଙ୍କର ସେଠାରେ ବସବାସ କରୁଥିବା

ଭାରତୀୟ ବଂଶୋଦ୍ଭବଙ୍କ ସହିତ ଭାବ ବିନିମୟ କରି ବିକଶିତ ଭାରତ ଯାତ୍ରାରେ ସେମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ପାରିବେ ବୋଲି ମତବ୍ୟକ୍ତ କରିଛନ୍ତି ।

# ୱିମେନ୍ସ ପ୍ରିମିୟର

ମହିଳା ପ୍ରିମିୟର ଲିଗ୍ କ୍ରିକେଟ୍‌ର ଗତକାଲି ରାତିରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଗୁଜରାଟ ଜାଏଣ୍ଟ୍‌ସ ଦିଲ୍ଲୀ କ୍ୟାପିଟାଲ୍‌ସକୁ ୫ ୱିକେଟ୍‌ରେ ପରାସ୍ତ କରିଛି । ଲକ୍ଷ୍ନୌର ଏକାନା କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଗୁଜରାଟ ଜାଏଣ୍ଟ୍‌ସ ଟସ୍ ଜିତି ପ୍ରଥମେ ବୋଲି କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ କ୍ୟାପିଟାଲ୍‌ସ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ହରାଇ ୧୭୭ ରନ୍ କରିଥିଲା । ଦଳ ପକ୍ଷରୁ ମେକ୍ ଲାନିଙ୍ଗ୍ ୫୭ଟି ବଲ୍‌ରୁ ସର୍ବାଧିକ ୯୨ ରନ୍ ସଂଗ୍ରହ କରିଥିଲେ । ଗୁଜରାଟ ପକ୍ଷରୁ ମେଘନା ସିଂ ୩ଟି ୱିକେଟ୍ ଅକ୍ତିଆର କରିଥିଲେ । ୧୭୮ ରନ୍ ବିଜୟ ଲକ୍ଷ୍ୟର ପିଛା କରି ଗୁଜରାଟ ଜାଏଣ୍ଟ୍‌ସ ୩ଟି ବଲ୍ ଓ ୫ଟି ୱିକେଟ୍ ହାତରେ ଥାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା । ଦଳ ପକ୍ଷରୁ ହାର୍ଲିନ୍ ଦେଓଲ୍ ୪୯ଟି ବଲ୍‌ରୁ ୭୦ ରନ୍ କରିବା ସହିତ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ଏହି ବିଜୟ ସହିତ ଗୁଜରାଟ ଜାଏଣ୍ଟ୍‌ସ ୭ଟି ମ୍ୟାଚ୍‌ରୁ ୮ ପଏଣ୍ଟ ପାଇ ପଏଣ୍ଟ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି । ଅନ୍ୟପକ୍ଷରେ ଦିଲ୍ଲୀ କ୍ୟାପିଟାଲ୍‌ସ ୮ଟି ମ୍ୟାଚ୍‌ରୁ ୧୦ ପଏଣ୍ଟ ପାଇବା ସହ ପ୍ଲେ ଅଫ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇସାରିଛି । ଆଜି ସନ୍ଧ୍ୟା

୭ଟା ୩୦ ମିନିଟ୍‌ରେ ଲକ୍ଷ୍ନୌର ଏକାନା ଷ୍ଟାଡିୟମରେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ୟୁପି ଓ୍ୱାରିଅର୍ସ ମଧ୍ୟରେ ମୁକାବିଲା ହେବ ।

## ଫୁଟବଲ୍

ଇଣ୍ଡିଆନ୍ ସୁପର୍ ଲିଗ୍ ଫୁଟବଲରେ ଗତକାଲି କୋଚିସ୍ଥିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ କେରଳ ବ୍ଲାଷ୍ଟର୍ସ’ ମୁମ୍ବାଇ ସିଟିକୁ ୧-୦ରେ ପରାସ୍ତ କରିଛି । ଏହି ଏକମାତ୍ର ଗୋଲ୍‌ଟି କେରଳର କ୍ୱାମେ ପେପ୍‌ରାହା ସ୍କୋର କରିଥିଲେ । ଆଜି ସିଲଂଠାରେ ସନ୍ଧ୍ୟା ୫ଟାରେ ନର୍ଥ-ଇଷ୍ଟ୍ ୟୁନାଇଟେଡ୍ ଓ ଇଷ୍ଟ୍‌ବେଙ୍ଗଲ ମଧ୍ୟରେ ମୁକାବିଲା ହେବାକୁ ଥିବା ବେଳେ ୭ଟା ୩୦ ମିନିଟ୍‌ରେ କୋଲକାତାଠାରେ ମୋହନ ବାଗାନ’ ଗୋଆ ଏଫ୍‌ସିକୁ ଭେଟିବ ।